**ଭାରତୀୟ ଭାଷା ସଂସ୍ଥାନ**

**ଶିକ୍ଷା ମନ୍ତ୍ରାଳୟ, ଉଚ୍ଚ ଶିକ୍ଷା ବିଭାଗ, ଭାରତ ସରକାର**

**ମାନସଗଙ୍ଗୋତ୍ରୀ, ହୁନସୁର ରୋଡ୍, ମହୀଶୂର- 570006**

## ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିମନ୍ତେ ପ୍ରକଳ୍ପ ନିର୍ଦ୍ଦେଶକ ଆବଶ୍ୟକ

ଓଡ଼ିଆକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପରେ ଭାରତ ସରକାରଙ୍କ ଏକ ପଦକ୍ଷେପ ସ୍ୱରୂପ ପ୍ରତିଷ୍ଠିତ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର ନିମନ୍ତେ ନିମ୍ନଲିଖିତ ପଦବୀର ଆବଶ୍ୟକ ଅଛି।

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର (CESCO), ଭାରତୀୟ ଭାଷା ସଂସ୍ଥାନ, ମହୀଶୂର ଦ୍ୱାରା ଚିହ୍ନଟ ହୋଇଥିବା ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେବ, ଯେଉଁଥିରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ଡକ୍ୟୁମେଣ୍ଟେସନ୍, ପ୍ରଚାର ଏବଂ ଶିକ୍ଷାଦାନ ଅନ୍ତର୍ଭୁକ୍ତ। ଏହା ମଧ୍ୟ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ତଥା ବିଦେଶରେ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ଦ୍ୱାରା ଏ କ୍ଷେତ୍ରରେ କରାଯାଇଥିବା କାର୍ଯ୍ୟକୁ ସମନ୍ୱୟ ରକ୍ଷା କରିବ ଏବଂ ବିଶ୍ୱର ଅନ୍ୟାନ୍ୟ ଶାସ୍ତ୍ରୀୟ ଭାଷାର ଅଧ୍ୟୟନ ପାଇଁ ଏହାର ସଂଯୋଗ ପ୍ରଦାନ କରିବ।

| କ୍ରମ ସଂଖ୍ୟା | ପଦବୀ | ପଦବୀ ସଂଖ୍ୟା | ମାସିକ କନସୋଲିଡେଟେଡ୍ ଦରମା |
|---|---|---|---|
| ୦୧ | ପ୍ରକଳ୍ପ ନିର୍ଦ୍ଦେଶକ | ୦୧ | ₹.୭୭,୦୦୦/- |

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ଏହାର ନୋଡାଲ ଅଧିକାରୀ ନିର୍ଦ୍ଦେଶକ, ଭାରତୀୟ ଭାଷା ସଂସ୍ଥାନ, ମହୀଶୂର (ନିର୍ଦ୍ଦେଶକ, ସିଆଇଆଇଏଲ୍)ଙ୍କ ତତ୍ତ୍ୱାବଧାନ ଏବଂ ନିର୍ଦ୍ଦେଶନା ଅନୁଯାୟୀ ଶାସ୍ତ୍ରୀୟ ଓଡ଼ିଆ ଭାଷାର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ। ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକଳାପ ପାଇଁ ଲକ୍ଷ୍ୟ ଓ ଯୋଜନା ପ୍ରସ୍ତୁତ କରିବାରେ ସେ ସାହାଯ୍ୟ କରିବେ ଏବଂ ଏହି କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷମାନେ ଉଚ୍ଚ ଗୁଣବତ୍ତା ସହିତ ପ୍ରଭାବଶାଳୀ ଭାବରେ କାର୍ଯ୍ୟ କରିବାର ମଧ୍ୟ ନିଶ୍ଚିତ କରିବେ। ଏହି ପଦବୀର ଆର୍ଥିକ ଦାୟିତ୍ୱ ବିଭିନ୍ନ କାର୍ଯ୍ୟକଳାପ ପାଇଁ ଯୋଜନା ଓ ବଜେଟ୍ ପ୍ରସ୍ତୁତିରେ ସୀମିତ ରହିବ। ନୋଡାଲ ଅଧିକାରୀଙ୍କ ଅନୁମତିକ୍ରମେ ସେ ପ୍ରକଳ୍ପର ଯୋଜନା ଓ ପରିଚାଳନା ସମିତି (ପିଏମବି) ବୈଠକ ଓ ଅନ୍ୟାନ୍ୟ ବୈଠକ ଆୟୋଜନ ପାଇଁ ସମସ୍ତ ସଂଯୋଜନା କାର୍ଯ୍ୟ କରିବେ। ଏଥିସହିତ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର କାର୍ଯ୍ୟକଳାପକୁ ବିକଶିତ କରିବା ପାଇଁ ସେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ତଥା ବେସରକାରୀ ସଂଗଠନ ସହିତ ସମ୍ପର୍କ ସ୍ଥାପନ କରିବେ।

ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ଭାବରେ ଚୁକ୍ତିଭିତ୍ତିକ ଭିତ୍ତିରେ (contractual basis) ଏକ ବର୍ଷ ପାଇଁ କରାଯିବ ଓ ବାର୍ଷିକ ସମୀକ୍ଷା ଆଧାରରେ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରେ। ଏହି ପଦବୀ ପାଇଁ ମାସିକ କନସୋଲିଡେଟେଡ୍ ଦରମା ₹.୭୭,୦୦୦/-ରେ (ସ୍ଥିରୀକୃତ) କରାଯାଇଛି। ଏହି ପଦବୀ ପାଇଁ ଆବେଦନ କରିବାକୁ ଚାହୁଁଥିବା ପ୍ରାର୍ଥୀମାନଙ୍କ ବୟସ ଆବେଦନ କରିବାର ଶେଷ ତାରିଖ ଅର୍ଥାତ ଖବରକାଗଜରେ ଏହି ବିଜ୍ଞପ୍ତି ପ୍ରକାଶ ହେବାର ୨୧ ଦିନ ମଧ୍ୟରେ ୬୫ ବର୍ଷରୁ କମ୍ ହେବା ଉଚିତ।

**ଶିକ୍ଷାଗତ ଯୋଗ୍ୟତା**

ଓଡ଼ିଆ ଭାଷା/ସାହିତ୍ୟ/ଭାଷାବିଜ୍ଞାନରେ ଡକ୍ଟରେଟ ଡିଗ୍ରୀ ସହିତ ୧୫ ବର୍ଷର ଗବେଷଣା / ଶିକ୍ଷାଦାନର ଅଭିଜ୍ଞତା ସହିତ ଏକ ପ୍ରତିଷ୍ଠିତ ସଂସ୍ଥା ଅଥବା ଶିକ୍ଷାନୁଷ୍ଠାନରେ ସର୍ବନିମ୍ନ ୩ ବର୍ଷର ପ୍ରଶାସନିକ ଅଭିଜ୍ଞତା ଥିବା ଆବଶ୍ୟକ।

ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପରିଚାଳନା ପାଇଁ କେନ୍ଦ୍ର ସରକାରଙ୍କ ନୀତିନିୟମ ବିଷୟରେ ଜ୍ଞାନ ରହିଥିବା ଆବଶ୍ୟକ। ପ୍ରାର୍ଥୀମାନେ ସକ୍ରିୟ, ଗବେଷଣା କାର୍ଯ୍ୟରେ ତତ୍ପର ଓ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଅନୁଯାୟୀ କେନ୍ଦ୍ରକୁ ଆଗେଇ ନେବାରେ ସମର୍ଥ ହୋଇଥିବା ଆବଶ୍ୟକ।

**ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ**

1. ପ୍ରକଳ୍ପ ନିର୍ଦ୍ଦେଶକ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ମୁଖ୍ୟ ଭାବେ କାର୍ଯ୍ୟ କରିବେ ଏବଂ ଭାରତୀୟ ଭାଷା ସଂସ୍ଥାନର ନିର୍ଦ୍ଦେଶକଙ୍କୁ ରିପୋର୍ଟ୍ କରିବେ। ଭାରତୀୟ ଭାଷା ସଂସ୍ଥାନର ନିର୍ଦ୍ଦେଶକ ଉତ୍କର୍ଷ କେନ୍ଦ୍ରର ନୋଡାଲ ଅଫିସର ଓ ପ୍ରଶାସନିକ ତଥା ଆର୍ଥିକ କାର୍ଯ୍ୟ ପାଇଁ ଅନୁମୋଦନ କର୍ତ୍ତୃପକ୍ଷ ହୋଇଥିବାରୁ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତ୍ୟେକ କାର୍ଯ୍ୟ ପାଇଁ ତାଙ୍କୁ ଅନୁମୋଦନ ପାଇଁ ଜଣାଇବେ।
2. ନୋଡାଲ ଅଫିସରଙ୍କ ପକ୍ଷରୁ ପ୍ରକଳ୍ପ ନିର୍ଦ୍ଦେଶକ କେନ୍ଦ୍ରର ଯୋଜନା ଓ ପରିଚାଳନା ସମିତି (PMB)ର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ତଦାରଖ କରିବେ ଓ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ। ପ୍ରତ୍ୟେକ ମାସର ୩ ତାରିଖ ସୁଦ୍ଧା ସେ କେନ୍ଦ୍ରର ମାସିକ ଅଗ୍ରଗତି ରିପୋର୍ଟ୍ ନୋଡାଲ୍ ଅଧିକାରୀଙ୍କ ନିକଟରେ ଜମା କରିବେ।
3. ନୋଡାଲ୍ ଅଧିକାରୀଙ୍କ ଅନୁମୋଦନ ଅନୁସାରେ ପ୍ରକଳ୍ପ ନିର୍ଦ୍ଦେଶକ ଯୋଜନା ଓ ପରିଚାଳନା ସମିତି (PMB)ର ବୈଠକ ସମେତ କେନ୍ଦ୍ରର ଅନ୍ୟାନ୍ୟ ବୈଠକ ଆୟୋଜନ କରିବେ।
4. ପ୍ରକଳ୍ପ ନିର୍ଦ୍ଦେଶକ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ବାର୍ଷିକ ଅଟକଳ (ବଜେଟ୍) ପ୍ରସ୍ତୁତ କରିବେ।
5. ପ୍ରକଳ୍ପ ନିର୍ଦ୍ଦେଶକ CESCO, CESCO/ CIILର ରେକର୍ଡ ଓ ପ୍ରକାଶନ / ଇ-ପ୍ରକାଶନ ଏବଂ ଅନ୍ୟାନ୍ୟ ସମ୍ପତ୍ତିର ତତ୍ତ୍ୱାବଧାରକ ହେବେ ଏବଂ ନିଜର ଦାୟିତ୍ୱ ସଠିକ୍ ଭାବରେ ନିର୍ବାହ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବେ।
6. ଅନ୍ୟାନ୍ୟ ସଂସ୍ଥା ସହିତ ଦ୍ୱିପାକ୍ଷିକ କାର୍ଯ୍ୟ କରିବା ପାଇଁ ଚୁକ୍ତିନାମା ଓ ଏମଓୟୁ ପ୍ରସ୍ତୁତ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରାଥମିକ କାର୍ଯ୍ୟ କରିବେ।
7. ନୋଡାଲ୍ ଅଧିକାରୀଙ୍କ ଦ୍ୱାରା ସମୟାନୁକ୍ରମେ ପ୍ରଦତ୍ତ ଯେକୌଣସି ଦାୟିତ୍ୱ ପ୍ରକଳ୍ପ ନିର୍ଦ୍ଦେଶକ ବହନ କରିବେ।

**ସର୍ତ୍ତାବଳୀ :**

1. ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର CESCOର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିଯୁକ୍ତି କର୍ତ୍ତୃପକ୍ଷ ହେଉଛନ୍ତି CIIL ନିର୍ଦ୍ଦେଶକ, ଯାହାଙ୍କ ପାଖରେ ପଦାଧିକାରୀଙ୍କ କାର୍ଯ୍ୟ ସନ୍ତୋଷଜନକ ନହେଲେ କିମ୍ବା ପଦାଧିକାରୀ ଅସଦାଚରଣ କଲେ, ଫଣ୍ଡ ର ଅପବ୍ୟବହାର କଲେ, କିମ୍ବା CESCO, CIIL କିମ୍ବା ଭାରତ ସରକାରଙ୍କ ପାଇଁ କ୍ଷତିକାରକ ବୋଲି ବିବେଚିତ ଯେକୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାର ପ୍ରମାଣିତ ହେଲେ ତାଙ୍କୁ ବହିଷ୍କାର କରିବାର କ୍ଷମତା ରହିବ।
2. ଆଗ୍ରହୀ ଓ ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କର ଆବେଦନପତ୍ର ଗବେଷଣା ସଂକ୍ଷିପ୍ତସାର ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜପତ୍ର ସହିତ ନିର୍ଦ୍ଦେଶକ, ଭାରତୀୟ ଭାଷା ସଂସ୍ଥାନ (CIIL), ମାନସଗଙ୍ଗୋତ୍ରୀ, ହୁନସୁର ରୋଡ୍, ମହୀଶୂର - ୫୭୦୦୦୬କୁ ପଠାଇ ପାରିବେ।

3. ଆବେଦନ ଫର୍ମ ଗ୍ରହଣ କରିବାର ଶେଷ ତାରିଖ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦିନ ଠାରୁ ୨୧ ଦିନ ହେବ। ନିର୍ଦ୍ଧାରିତ ତାରିଖ ପରେ ଆସିଥିବା ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ।।
4. ଆବେଦନ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂସ୍ଥାନର ଅଛି ଏବଂ ଏଥିପାଇଁ ସଂସ୍ଥାନର ନିଷ୍ପତ୍ତିକୁ ଚୂଡ଼ାନ୍ତ ବୋଲି ବିବେଚନା କରାଯିବ।
5. ଅସମ୍ପୂର୍ଣ୍ଣ ଥିବା ଦରଖାସ୍ତ ତଥା ଧାର୍ଯ୍ୟ ତାରିଖ ପରେ ପ୍ରାପ୍ତ ଦରଖାସ୍ତଗୁଡ଼ିକ ବିଚାରକୁ ନିଆଯିବ ନାହିଁ।
6. ଚାକିରିରେ ଥିବା ଆବେଦନକାରୀମାନେ ନିଜର ଆବେଦନପତ୍ରକୁ ଉପଯୁକ୍ତ ଚ୍ୟାନେଲ୍ ମାଧ୍ୟମରେ ସଂସ୍ଥାନକୁ ପ୍ରେରଣ କରିବେ ଏବଂ ସେମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ସାଇନ୍ ହୋଇଥିବା ଆବେଦନପତ୍ରର ଏକ ଅଗ୍ରୀମ କପି ପୂର୍ବରୁ ପଠାଇ ପାରିବେ।
7. ସାକ୍ଷାତକାରରେ ଯୋଗ ଦେବା ପାଇଁ କୌଣସି ଗସ୍ତ ଖର୍ଚ୍ଚ / ଦୈନିକ ଭତ୍ତା ପ୍ରଦାନ କରାଯିବ ନାହିଁ।
8. CIIL ୱେବସାଇଟ୍ (www.ciil.org)ରୁ ଆବେଦନ ଫର୍ମ ଡାଉନଲୋଡ୍ କରିପାରିବେ।
9. ଏନଭଲପ୍ ଉପରେ **'CESCOର ପ୍ରକଳ୍ପ ନିର୍ଦ୍ଦେଶକ ପଦବୀ ପାଇଁ ଆବେଦନ'** ଲେଖାଯିବା ଉଚିତ।
10. ପ୍ରାର୍ଥିପତ୍ର ଚୟନ ସମ୍ବନ୍ଧୀୟ କୌଣସି ପ୍ରସଙ୍ଗରେ କିମ୍ବା ଅନ୍ୟ କୌଣସି ବିଷୟରେ ସକ୍ଷମ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ ହେବ।

**କାର୍ଯ୍ୟ କରିବାର ସ୍ଥାନ: ଭୁବନେଶ୍ୱର/ ମହୀଶୂର**

**ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପାଇଁ ଉପରୋକ୍ତ ପଦ ପାଇଁ ବିସ୍ତୃତ ବିଜ୍ଞପ୍ତି**

| **କ୍ରମିକ ନଂ.** | **ପଦବୀର ନାମ** | **ପଦବୀ ସଂଖ୍ୟା** | **ମାସିକ କନସୋଲିଡେଟେଡ୍ ଦରମା** | **ବୟସ ସୀମା** | **ଶିକ୍ଷାଗତ ଏବଂ ଅତ୍ୟାବଶ୍ୟକ ଯୋଗ୍ୟତା** |
|---|---|---|---|---|---|
| ୦୧ | ପ୍ରକଳ୍ପ ନିର୍ଦ୍ଦେଶକ | ୦୧ | ମାସିକ ₹. ୭୭,୦୦୦/- | ସର୍ବାଧିକ ୬୫ ବର୍ଷ | **ଶିକ୍ଷାଗତ ଯୋଗ୍ୟତା:**<br>ଓଡ଼ିଆ ଭାଷା/ ସାହିତ୍ୟ/ ଭାଷାବିଜ୍ଞାନରେ ଡକ୍ଟରେଟ ଡିଗ୍ରୀ ସହିତ ୧୫ ବର୍ଷର ଗବେଷଣା / ଶିକ୍ଷାଦାନର ଅଭିଜ୍ଞତା ସହିତ ଏକ ପ୍ରତିଷ୍ଠିତ ସଂସ୍ଥା ଅଥବା ଶିକ୍ଷାନୁଷ୍ଠାନରେ ସର୍ବନିମ୍ନ ୩ ବର୍ଷର ପ୍ରଶାସନିକ ଅଭିଜ୍ଞତା ଥିବ।<br>**ଆବଶ୍ୟକ:**<br>ଓଡ଼ିଆ ଭାଷା, ସାହିତ୍ୟ ଏବଂ ଭାଷାବିଜ୍ଞାନରେ ଉତ୍କୃଷ୍ଟ ପ୍ରକାଶନ ରେକର୍ଡ୍ ରହିଥିବ।<br>ଇଂରାଜୀ ଓ ହିନ୍ଦୀରେ ଉତ୍କୃଷ୍ଟ ଯୋଗାଯୋଗ କ୍ଷମତା ଥିବା ସହିତ ପ୍ରଥମ/ମାତୃଭାଷା ଭାବରେ ଓଡ଼ିଆ ରହିଥିବ।<br>ଭାରତୀୟ ଜ୍ଞାନ ପ୍ରଣାଳୀ (IKS) ର ଉତ୍କୃଷ୍ଟ ବୁଝାମଣା ରହିଥିବ।<br>ବିଭିନ୍ନ ଶିକ୍ଷାଗତ ପୃଷ୍ଠଭୂମିରୁ ଆସିଥିବା ବିଭିନ୍ନ ଦଳ/ବିଦ୍ୱାନଙ୍କ ସହିତ ସମନ୍ୱୟ ରକ୍ଷା କରି କାମ କରିବାର ପ୍ରତିଭା ରହିଥିବ। |

| | | | | | |
|---|---|---|---|---|---|
| | | | | | ଭାରତ ସରକାରଙ୍କ ଯୋଜନା/କେନ୍ଦ୍ରଗୁଡ଼ିକର ସାମଗ୍ରିକ କାର୍ଯ୍ୟକାରିତା ସହିତ ଜଡ଼ିତ କେନ୍ଦ୍ର ସରକାରଙ୍କ ଆର୍ଥିକ ଏବଂ ପ୍ରଶାସନିକ ନିୟମ ଏବଂ ନିୟମାବଳୀ ବିଷୟରେ ପର୍ଯ୍ୟାପ୍ତ ଜ୍ଞାନ ରହିଥିବ।<br>ଶାସ୍ତ୍ରୀୟ ଭାଷାର ପ୍ରଚାର ପ୍ରସାର ଏବଂ ଏନଇପି-୨୦୨୦ ଏବଂ ଭାରତ ସରକାରଙ୍କ ଅନ୍ୟାନ୍ୟ ଆନୁସଙ୍ଗିକ ନୀତିରେ ପରିକଳ୍ପନା ଅନୁଯାୟୀ ସେମାନଙ୍କ ଭୂମିକା ବିଷୟରେ ଏକ ସ୍ପଷ୍ଟ ବୁଝାମଣା ରହିଥିବ। |